# ଜମି ଅଧିଗ୍ରହଣ ବିଲ୍ ବିରୋଧରେ ସି.ପି.ଆଇ.(ଏମ୍)ର ଅହୋରାତ୍ର ଧାରଣା ଉଦ୍‌ଯାପିତ

---

**ଭୁବନେଶ୍ୱର -**

କୃଷକ ବିରୋଧୀ ଏବଂ କର୍ପୋରେଟ୍ ସପକ୍ଷବାଦୀ ଜମି ଅଧିଗ୍ରହଣ ବିଲ୍ ୨୦୧୫ ବିରୋଧରେ ସି.ପି.ଆଇ.(ଏମ୍)ର ଅହୋରାତ୍ର ଧାରଣା ଉଦ୍‌ଯାପିତ ହୋଇଯାଇଛି । ଧାରଣାରେ ଉଦ୍‌ବୋଧନ ଦେଇ ସି.ପି.ଆଇ.(ଏମ୍) ନେତୃବୃନ୍ଦ କହିଲେ ଯେ ଜମି ଅଧିଗ୍ରହଣ ବିଲ୍ ବିରୋଧରେ ରାଜ୍ୟବ୍ୟାପି ଆନ୍ଦୋଳନକୁ ତୀବ୍ରତର କରାଯିବ । ସ୍ଥାନୀୟ ମହାତ୍ମାଗାନ୍ଧୀ ମାର୍ଗରେ ଗତକାଲିଠାରୁ ଆରମ୍ଭ ହୋଇଥିବା ଧାରଣା ଆଜି ସକାଳ ୬ଟାରେ ଶେଷ ହୋଇଛି । ଏପ୍ରିଲ୍ ୬ ତାରିଖ ଠାରୁ ୧୦ ତାରିଖ ପର୍ଯ୍ୟନ୍ତ ରାଜ୍ୟ ବ୍ୟାପି ଏହି ଜନବିରୋଧୀ ବିଲ୍ ବିରୋଧରେ ବ୍ଲକ, ତହସିଲ୍,ଜିଲ୍ଲାପାଳ ଅଫିସ୍, ସମ୍ମୁଖରେ ଧାରଣା, ବିକ୍ଷୋଭ ଏବଂ ସଭା ସଂଗଠିତ କରାଯିବ ବୋଲି ସି.ପି.ଆଇ.(ଏମ୍) ରାଜ୍ୟ ସଂପାଦକ ଅଳି କିଶୋର ପଟ୍ଟନାୟକ କହିଛନ୍ତି । ସେ ଆହୁରୀ କହିଛନ୍ତି ଯେ ଦେଶ ପାଇଁ ଏହା ହେଉଛି ଏକ ଧ୍ୱଂସମୂଖୀ ଚାଷୀ ବିରୋଧୀ ଆଇନ ଅଟେ । ଏହି ଆଇନକୁ ରଦ୍ଦ କରିବା ପର୍ଯ୍ୟନ୍ତ ଲଢେଇ ଜାରି ରଖିବାକୁ ହେବ ବୋଲି ନିଜ ବକ୍ତବ୍ୟରେ ରାଜ୍ୟବାସୀଙ୍କୁ ନିବେଦନ କରିଥିଲେ ।

ଏହି ଅହୋରାତ୍ର ଧାରଣାରେ ସି.ପି.ଆଇ.(ଏମ୍) କେନ୍ଦ୍ର କମିଟି ସଭ୍ୟ ଜନାର୍ଦ୍ଦନ ପତି, ରାଜ୍ୟ ସଂପାଦକମଣ୍ଡଳୀ ସଭ୍ୟ ଜଗନ୍ନାଥ ମିଶ୍ର, ସନ୍ତୋଷ ଦାସ, ବିଷ୍ଣୁ ମହାନ୍ତ, ଦୁଷ୍ମନ୍ତ ଦାସ, ସୁରେଶ ପାଣିଗ୍ରାହୀ, ଶିଶିର ହୁଇ, ନିର୍ମଳ ନାୟକ, ପୁଷ୍ପା ଦାଶ ଏବଂ ରାଜ୍ୟ କମିଟି ସଭ୍ୟ ତଥା ବିଧାୟକ ଲକ୍ଷ୍ମଣ ମୁଣ୍ଡା, ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ଯମେଶ୍ୱର ସାମନ୍ତରାୟ, ଅଭିରାମ ବେହେରା, ତାପସୀ ପ୍ରହରାଜ, ବଦ୍ରି ନାରାୟଣ ଦାଶ, ସାଲ ମାର୍ଣ୍ଡି, ଯତୀନ ମହାନ୍ତି, ରାମଚନ୍ଦ୍ର ନାୟକ, ବିଶ୍ୱନାଥ ମହାପାତ୍ର, ଶରତ ଦାସ, ବସନ୍ତ ମାଝୀ, ନିତ୍ୟାନନ୍ଦ ପରିଡା, ଗଜପତି ଜିଲ୍ଲା ସଂପାଦକ ଦଣ୍ଡପାଣି ରଇତ, ମାଲକାନଗିରି ଜିଲ୍ଲା ସଂପାଦକ ବ୍ରଜ ମାଝୀ, କଳାହାଣ୍ଡି ଜିଲ୍ଲା ସଂପାଦକ ବିଶ୍ୱଜିତ୍ ଚାଟାର୍ଜୀ, ସୁନ୍ଦରଗଡ ଜିଲ୍ଲା ସଂପାଦକ ଜାହାଙ୍ଗୀର ଅଲ୍ଲି, ଭଦ୍ରକ ଜିଲ୍ଲା ସଂପାଦକ ଚନ୍ଦ୍ର ଶେଖର ନାୟକ, କଟକ ଜିଲ୍ଲା ସଂପାଦକ ରବି ନାରାୟଣ ମଲ୍ଲିକ, ଜଗତ୍‌ସିଂହପୁର ଜିଲ୍ଲା ସଂପାଦକ ଲୋଭାକାନ୍ତ ସ୍ୱାଇଁ , ପୁରୀ ଜିଲ୍ଲା ସଂପାଦକ ଭିମସେନ ସ୍ୱାଇଁ, ଖୋର୍ଦ୍ଧା ଜିଲ୍ଲା ସଂପାଦକ ଅନନ୍ତ ମଙ୍ଗରାଜ, ନୟାଗଡ ଜିଲ୍ଲା ସଂପାଦକ ହରିଶ୍ ଚନ୍ଦ୍ର ମିଶ୍ର, ଗଞ୍ଜାମ ଜିଲ୍ଲା ସଂପାଦକ କୈଳାସ ଷଡଙ୍ଗୀ , ବହୁ ନେତୃବୃନ୍ଦ ଅଂଶ ଗ୍ରହଣ କରି ଆନ୍ଦୋଳନ ପାଇଁ ଆହ୍ୱାନ ଦେଇଥିଲେ । ନିୟମଗିରି ସଂଘର୍ଷର କାହାଣୀକୁ ନେଇ ଆଧାରିତ ଏକ ବୃ□ ଚଳଚିତ୍ର "ଜନମତ" ପ୍ରଦର୍ଶନ କରିବା ସହିତ ଆଦିବାସୀ ସାଂସ୍କୃତିକ କାର୍ଯ୍ୟକ୍ରମ ସଂଗଠିତ ହୋଇଥିଲା ।

(ସୁରେଶ ପାଣିଗ୍ରାହୀ)
ରାଜ୍ୟ ସଂପାଦକମଣ୍ଡଳୀ ସଭ୍ୟ

**ସଦ୍ୟ ପ୍ରକାଶନ/ପ୍ରସାରଣ ନିମନ୍ତେ ଅନୁରୋଧ**